**ମେସର୍ସ ଗୁଡୁଥୁର ବ୍ରଦର୍ସ**

**ବନାମ**

**ଆୟକର ଅଧିକାରୀ, ବିଶେଷ ମଣ୍ଡଳ, ବାଙ୍ଗାଲୋର**

1960
ଜୁଲାଇ 22

**(ଏସ୍. କେ. ଦାସ, ଏମ୍. ହିଦାୟତୁଲ୍ଲା ଏବଂ ଜେ. ସି. ଶାହା, ନ୍ୟାୟମୂର୍ତ୍ତିବୃନ୍ଦ)**

*ଆୟକର - ଆକଳନ - ଜୋରିମାନା - ଟିକସଦାତାଙ୍କୁ ଶୁଣାଣିର ଯୁକ୍ତିଯୁକ୍ତ ସୁଯୋଗ ନଦେଇ ଆୟକର ଅଧିକାରୀଙ୍କ ଦ୍ୱାରା ଲାଗୁ - ଆବେଦନ ପରେ ଆଦେଶକୁ ବାତିଲ କରାଯାଇଛି ଏବଂ ଫେରସ୍ତ ନିର୍ଦ୍ଦେଶ କରାଯାଇଛି - ପ୍ରତିପ୍ରେରଣର କୌଣସି ସ୍ପଷ୍ଟ ଆଦେଶ ନାହିଁ - ଆୟକର ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଜାରି ରଖିବା - ବୈଧତା - ଭାରତୀୟ ଆୟକର ଅଧିନିୟମ, 1922 (1922 ର II), ଧାରା 28 (1) (a) ଏବଂ 28 (3)।*

ଆବେଦନକାରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୋଇଥିଲେ ଏବଂ ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 28 (1) (a) ଅନୁଯାୟୀ ସେମାନଙ୍କ ଉପରେ କାହିଁକି ଜୋରିମାନା ଲାଗୁ କରାଯିବା ଉଚିତ ନୁହେଁ ତାହାର କାରଣ ଦର୍ଶାଇବାକୁ ଜାରି ହୋଇଥିବା ଏକ ବିଜ୍ଞପ୍ତିକୁ ନେଇ ସେମାନେ ଏକ ଲିଖିତ ଉତ୍ତର ଦାଖଲ କରିଥିଲେ। ଅଧିନିୟମର ଧାରା 28 (3) ର ଆବଶ୍ୟକତା ଅନୁଯାୟୀ ରହିଥିବା ଶୁଣାଣିର ସୁଯୋଗ ନଦେଇ ଆୟକର ଅଧିକାରୀ ସେମାନଙ୍କ ଉପରେ ଜୋରିମାନା ଲାଗୁ କରିଥିଲେ । ଆବେଦନ ପରେ, ଅପିଲୀୟ ସହକାରୀ ଆୟୁକ୍ତ ଏହି ଆଦେଶକୁ ବାତିଲ କରିଥିଲେ ଏବଂ ଜୋରିମାନା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଆୟକର ଅଧିକାରୀ ଆବେଦନକାରୀମାନଙ୍କୁ ଶୁଣାଣିର ସୁଯୋଗ ଦେଇ ଆଉ ଏକ ବିଜ୍ଞପ୍ତି ଜାରି କରିଥିଲେ । ଆବେଦନକାରୀମାନେ ଏହି ବିଜ୍ଞପ୍ତିକୁ ବିରୋଧ କରିଥିଲେ ଏବଂ ଯୁକ୍ତି କରିଥିଲେ ଯେ ଅପିଲୀୟ ସହକାରୀ ଆୟୁକ୍ତ, ଯାହାଙ୍କ ଆଦେଶ ଚୂଡ଼ାନ୍ତ ହୋଇଯାଇଥିଲା, ତାଙ୍କ ଦ୍ୱାରା ପ୍ରତିପ୍ରେରଣର ଏକ ସ୍ପଷ୍ଟ ଆଦେଶ ବିନା ଆୟକର ଅଧିକାରୀ ଜୋରିମାନାର ପୁନଃ ଆକଳନ କରିପାରିବେ ନାହିଁ।

ଏହା ବିଚାର କରାଯାଇଥିଲା ଯେ, ଭାରତୀୟ ଆୟକର ଅଧିନିୟମର ଧାରା 28 (1) (a) ଅଧୀନରେ ଆୟକର ଅଧିକାରୀଙ୍କ ଦ୍ୱାରା ଜୋରିମାନା ଲାଗୁ କରିବାକୁ ଦିଆଯାଇଥିବା ଏକ ଆଦେଶ କୌଣସି ପ୍ରାରମ୍ଭିକ ଅବୈଧତା ଦ୍ୱାରା ତ୍ରୁଟିଯୁକ୍ତ ହୋଇନଥିଲା, ବରଂ କାର୍ଯ୍ୟାନୁଷ୍ଠାନ ସମୟରେ ପରିବର୍ତ୍ତନ ହୋଇ ଘଟିବା ଦ୍ୱାରା ଏହା ତ୍ରୁଟିଯୁକ୍ତ ହୋଇଥିଲା ଏବଂ ଆବେଦନ ପରେ ଉକ୍ତ ଆଦେଶକୁ ବାତିଲ କରାଯାଇଥିଲା, ଏବଂ ଅବୈଧତା ଘଟିଥିବା ପର୍ଯ୍ୟାୟ ପରଠାରୁ

*1960*
*ମେସର୍ସ ଗୁଡୁଥୁର ବ୍ରଦର୍ସ*
*ବନାମ*
*ଆୟକର ଅଧିକାରୀ,*
*ବିଶେଷ ସର୍କଲ,*
*ବାଙ୍ଗାଲୋର*
*ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା*

କାର୍ଯ୍ୟାନୁଷ୍ଠାନ ଜାରି ରଖିବାରେ ଆୟକର ଅଧିକାରୀ ତାଙ୍କ ଅଧିକାରିତା କ୍ଷେତ୍ର ମଧ୍ୟରେ ସଠିକ ଭାବରେ ଥିଲେ ଏବଂ ପ୍ରତିପ୍ରେରଣର ଏକ ସ୍ପଷ୍ଟ ଆଦେଶ ବିନା ସେ ଜୋରିମାନାର ପୁନଃ ଆକଳନ କରିପାରିବେ ।

*ଜୋସ୍ ଚାକୋ ପୁଥୋକରନ୍ ବନାମ ଆୟକର ଅଧିକାରୀ, ଏର୍ଣ୍ଣାକୁଲମ୍ ମଣ୍ଡଳ,* [1957] 32 I.T.R. 648 ମାମଲାଟି ପ୍ରଯୁଜ୍ୟ ହୋଇନଥିଲା ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 261/1958 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 215/1956 ରେ ମହୀଶୂର ଉଚ୍ଚ ନ୍ୟାୟାଳୟଙ୍କ 1956 ମସିହା ନଭେମ୍ବର 6 ତାରିଖର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ *ଏସ୍. ଏନ୍. ଆଣ୍ଡଲେ, ଜେ. ବି. ଦାଦାଚାଞ୍ଜି, ରାମେଶ୍ୱର ନାଥ* ଏବଂ *ପି. ଏଲ୍. ଭୋହରା* ।

ଉତ୍ତରଦାତାଙ୍କ ତରଫରୁ *କେ. ଏନ୍. ରାଜଗୋପାଳ ଶାସ୍ତ୍ରୀ* ଏବଂ *ଡି. ଗୁପ୍ତା* ।

1960. ଜୁଲାଇ 22. ନ୍ୟାୟାଳୟଙ୍କ ରାୟ ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା-

ଆୟକର ଅଧିକାରୀ, ବେଲାରୀ, ବିଶେଷ ସର୍କଲ, ବାଙ୍ଗାଲୋର ଙ୍କ ବିରୁଦ୍ଧରେ ଆବେଦନକାରୀମାନଙ୍କ ଦ୍ୱାରା ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ନିଷେଧ ଆଜ୍ଞାଦେଶ କିମ୍ବା ଅନ୍ୟ କିଛି ଉପଯୁକ୍ତ ଆଜ୍ଞାଦେଶ ନିମନ୍ତେ ମହୀଶୂର ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରାଯାଇଥିଲା ଯାହାକୁ ଏହା ପ୍ରାରମ୍ଭରେ ହିଁ ଖାରଜ କରିଦେଇଥିଲେ, ଏବଂ ତାହାକୁ ବିରୋଧ କରି ଏହି ଆବେଦନ ଏହି ନ୍ୟାୟାଳୟଙ୍କ ବିଶେଷ ଅନୁମତି ଦ୍ୱାରା ଦାୟର କରାଯାଇଥିଲା ।

ମାମଲାର ତଥ୍ୟ ନିମ୍ନରେ ଦିଆଗଲା । ଆକଳନ ବର୍ଷ 1948-49 ପାଇଁ, ଆବେଦନକାରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୋଇଥିଲେ ଏବଂ ଭାରତୀୟ ଆୟକର ଅଧିନିୟମର ଧାରା 28 (1) (a) ଅନୁଯାୟୀ କାର୍ଯ୍ୟ କରୁଥିବା ଆୟକର ଅଧିକାରୀ କାହିଁକି ଜୋରିମାନା ଲାଗୁ କରାଯିବା ଉଚିତ ନୁହେଁ ବୋଲି ସେମାନଙ୍କୁ ଏକ କାରଣ ଦର୍ଶାଅ ବିଜ୍ଞପ୍ତି ଜାରି କରିଥିଲେ । ଏହି ବିଜ୍ଞପ୍ତିର ଉତ୍ତରରେ, ଆବେଦନକାରୀମାନେ ଏକ ଲିଖିତ ଉତ୍ତର ଦାଖଲ କରିଥିଲେ ଏବଂ ଆୟକର ଅଧିନିୟମର ଧାରା 28 ର ତୃତୀୟ ଉପ-ଧାରା ଦ୍ୱାରା ଆବଶ୍ୟକ ହେଉଥିବା ଶୁଣାଣିର ସୁଯୋଗ ସେମାନଙ୍କୁ ନଦେଇ ଆୟକର ଅଧିକାରୀ 16,000 ଟଙ୍କା

ଜୋରିମାନା ଆଦାୟ କରିବାକୁ ଅଗ୍ରସର ହୋଇଥିଲେ । ଏହି ମାମଲାକୁ ଆୟକର ବିଭାଗର ଅପିଲୀୟ ସହକାରୀ ଆୟୁକ୍ତଙ୍କ ସମ୍ମୁଖରେ ଆବେଦନ କରାଯାଇଥିଲା, ଯିଏ ଆବେଦନକାରୀମାନଙ୍କୁ ଶୁଣାଣିର ସୁଯୋଗ ଦିଆଯାଇନଥିବା ଦର୍ଶାଇ ସେହି ଆଦେଶଟି ତ୍ରୁଟିପୂର୍ଣ୍ଣ ଥିଲା ବୋଲି ବିଚାର କରିଥିଲେ । ତେଣୁ ସେ ସେହି ଆଦେଶକୁ ବାତିଲ କରିଦେଇଥିଲେ ଏବଂ ଯଦି ଜୋରିମାନା ଆଦାୟ କରାଯାଇଥିବ, ତେବେ ତାହା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଆଦେଶ ପାଇବା ପରେ, ଆୟକର ଅଧିକାରୀ ଆବେଦନକାରୀମାନଙ୍କୁ ତାଙ୍କ ସମ୍ମୁଖରେ ହାଜର ହେବାକୁ ଆହ୍ୱାନ କରି ଆଉ ଏକ ବିଜ୍ଞପ୍ତି ଜାରି କରିଥିଲେ, ଯାହା ଦ୍ୱାରା ସେମାନଙ୍କୁ ଶୁଣାଣିର ସୁଯୋଗ ଦିଆଯାଇପାରିବ । ସେ ଏହା ମଧ୍ୟ ବିଜ୍ଞପ୍ତି ଦେଇଥିଲେ ଯେ ଯଦି କେହି ଉପସ୍ଥିତ ନ ହେବେ, ତେବେ ସେ କେବଳ ପୂର୍ବରୁ ଦାଖଲ ହୋଇଥିବା ଲିଖିତ ବିବୃତିକୁ ବିଚାରକୁ ନେଇ ଜୋରିମାନାର ପ୍ରଶ୍ନ ନିର୍ଣ୍ଣୟ କରିବାକୁ ଅଗ୍ରସର ହେବେ । ତେବେ, ଆୟକର ଅଧିକାରୀ ମାମଲାର ନିଷ୍ପତ୍ତି କରିବା ପୂର୍ବରୁ, ଆବେଦନକାରୀମାନେ ଉପରୋକ୍ତ ଆଜ୍ଞାଦେଶ ଜାରି କରିବା ପାଇଁ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ । ଆବେଦନକାରୀମାନଙ୍କ ଦ୍ୱାରା କରାଯାଇଥିବା ଯୁକ୍ତି ସମ୍ଭବତଃ ଆୟକର କର୍ତ୍ତୃପକ୍ଷମାନଙ୍କ ସମ୍ମୁଖରେ କରାଯାଇପାରେ ବୋଲି ଦର୍ଶାଇ ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ପ୍ରାରମ୍ଭରେ ହିଁ ଖାରଜ କରିଦେଇଥିଲେ । ଏହା ପରେ ଆବେଦନକାରୀମାନେ ଏହି ନ୍ୟାୟାଳୟଙ୍କ ବିଶେଷ ଅନୁମତି ପାଇଁ ଆବେଦନ କରିଥିଲେ ଏବଂ ଅନୁମତି ମଞ୍ଜୁର ହେବା ପରେ, ଏହି ମାମଲାଟି ଆମ୍ଭ ସମ୍ମୁଖକୁ ଆସିଅଛି ।

ଏଥିରେ କୌଣସି ପ୍ରଶ୍ନ ନାହିଁ ଯେ ଆୟକର ଅଧିନିୟମର ଧାରା 28 (1) (a) ର ଆବଶ୍ୟକତା ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇନଥିଲା । ଯଦି ଆବେଦନକାରୀମାନେ ସେମାନଙ୍କର ରିଟର୍ଣ୍ଣ ଦାଖଲ କରିନଥାନ୍ତେ, ଯାହା ସେମାନେ ଆଇନତଃ କରିବା ଆବଶ୍ୟକ ଥିଲା, ତେବେ ଏହି ଅବହେଳା ଦ୍ୱାରା ଧାରା 28 ର ଉପ-ଧାରା (1) ର ଖଣ୍ଡ (a) ଲାଗୁ ହୋଇଥାନ୍ତା । ଆମ୍ଭେ ଏ ବିଷୟରେ କିଛି କହୁ ନାହୁଁ । ତଥାପି, ଧାରା 28 ର ଉପ-ଧାରା (3) ଆବଶ୍ୟକ କରେ ଯେ ଟିକସଦାତାଙ୍କୁ ଶୁଣାଣିର ଏକ ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ ନକରି ଜୋରିମାନା ଲାଗୁ କରାଯିବ ନାହିଁ । ଆବେଦନକାରୀମାନଙ୍କୁ ଏହି ସୁଯୋଗରୁ ବଞ୍ଚିତ କରାଯାଇଥିଲା ଏବଂ ତେଣୁ ଆୟକର ଅଧିକାରୀଙ୍କ ଆଦେଶ ଏକ ଅବୈଧତା ଦ୍ୱାରା ତ୍ରୁଟିଯୁକ୍ତ ହୋଇଥିଲା, ଯାହା କାର୍ଯ୍ୟାନୁଷ୍ଠାନର ପ୍ରାରମ୍ଭିକ ପର୍ଯ୍ୟାୟରେ ନୁହେଁ, ବରଂ ଏହାର ପ୍ରକ୍ରିୟା ସମୟରେ ବାଧାପ୍ରାପ୍ତ ହୋଇ ଘଟିବା ଦ୍ୱାରା

*1960*
*ମେସର୍ସ ଗୁଡୁଥୁର ବ୍ରଦର୍ସ*
*ବନାମ*
*ଆୟକର ଅଧିକାରୀ,*
*ବିଶେଷ ସର୍କଲ୍,*
*ବାଙ୍ଗାଲୋର*
*ନ୍ୟାୟମୂର୍ତ୍ତି ହିଦାୟତୁଲ୍ଲା*

ହୋଇଥିଲା । ବିଜ୍ଞ ଅପିଲୀୟ ସହକାରୀ ଆୟୁକ୍ତଙ୍କ ଆଦେଶରେ ଅବୈଧତାର ଆଧାର ଦର୍ଶାଯାଇଥିଲା ଏବଂ ଜୋରିମାନା, ଯଦି ଆଦାୟ କରାଯାଇଥାଏ, ଫେରସ୍ତ କରିବାକୁ ଦିଆଯାଇଥିବା ତାଙ୍କର ନିର୍ଦ୍ଦେଶକୁ 'ତ୍ରୁଟିକୁ ସଂଶୋଧନ କରିବା ଏବଂ ଅବୈଧତା ଘଟିଥିବା ପର୍ଯ୍ୟାୟରୁ କାର୍ଯ୍ୟାନୁଷ୍ଠାନ ଜାରି ରଖିବା ପାଇଁ ଆୟକର ଅଧିକାରୀଙ୍କ ଉପରେ ଏହାକୁ ଛାଡ଼ିବା' ଭାବରେ ବ୍ୟାଖ୍ୟା କରାଯାଇପାରିବ ନାହିଁ । ଏହି ଉଦ୍ଦେଶ୍ୟରେ କୌଣସି ସ୍ୱଷ୍ଟ ପ୍ରତିପ୍ରେରଣର ଯେପରି ଦାବି କରାଯାଇଥିଲା ସେପରି ଆବଶ୍ୟକତା ନଥିଲା ।

*ଜୋସ୍ ଚାକୋ ପୁଥୋକରନ୍ ବନାମ ଆୟକର ଅଧିକାରୀ, ଏର୍ଣ୍ଣାକୁଲମ୍ ମଣ୍ଡଳ*[1] ମାମଲାରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ଜଣେ ବିଜ୍ଞ ଏକକ ବିଚାରପତିଙ୍କ ନିର୍ଣ୍ଣୟ ପ୍ରତି ଆମ୍ଭ ଦୃଷ୍ଟି ଆକର୍ଷଣ କରାଯାଇଥିଲା, ଯେଉଁଥିରେ, ସମାନ ପରିସ୍ଥିତିରେ, ଏହା ବିଚାର କରାଯାଇଛି ଯେ ଯେହେତୁ ଆୟକର ଆୟୁକ୍ତଙ୍କ ଦ୍ୱାରା ଧାରା 33 ର ଉପ-ଧାରା (2) ଅନୁଯାୟୀ ଅପିଲୀୟ ନ୍ୟାୟାଧିକରଣଙ୍କୁ ଏକ ଆବେଦନ କରାଯାଇନଥିଲା, ତେଣୁ ଅପିଲୀୟ ସହକାରୀ ଆୟୁକ୍ତଙ୍କ ଆଦେଶ ଚୂଡ଼ାନ୍ତ ହୋଇଗଲା ଏବଂ ଆୟକର ଅଧିକାରୀ ଆଉ ଜୋରିମାନାର ପୁନଃ ଆକଳନ କରିବାକୁ ଅଗ୍ରସର ହୋଇପାରିବେ ନାହିଁ । ଆମ୍ଭ ମତରେ, ଦିଆଯାଇଥିବା କାରଣଟି ଏହି ପ୍ରସଙ୍ଗର ବାହାରେ । ଅପିଲୀୟ ସହକାରୀ ଆୟୁକ୍ତ ଯାହା କରିଥିଲେ ତାହା ହେଉଛି ଆଦେଶକୁ ବାତିଲ କରିବା ଏବଂ ଆକଳନ ପ୍ରକ୍ରିୟା ସମୟରେ ଘଟିଥିବା ଅବୈଧତାକୁ ଦୃଷ୍ଟିରେ ରଖି ଜୋରିମାନା ଫେରସ୍ତର ନିର୍ଦ୍ଦେଶ ଦେବା । ନଥି ପ୍ରାପ୍ତ ହେବା ପରେ, ଆୟକର ଅଧିକାରୀଙ୍କ ପାଇଁ ଏହା ଖୋଲା ଥିଲା ଯେ ଯେଉଁ ପର୍ଯ୍ୟାୟରେ ବାଧାପ୍ରାପ୍ତ ହୋଇ ଅବୈଧତା ଘଟିଥିଲା, ସେହି ପର୍ଯ୍ୟାୟ ପରଠାରୁ ଏହି ପ୍ରସଙ୍ଗକୁ ଗ୍ରହଣ କରିବା ଏବଂ ତାଙ୍କ କାର୍ଯ୍ୟାନୁଷ୍ଠାନକୁ ଠିକ୍ କରିବା । ଆବେଦନକାରୀମାନଙ୍କ ଦ୍ୱାରା ମାମଲାର ବିବୃତି ସମୟରେ ଏହା ଦର୍ଶାଯାଇଥିଲା ଯେ ଏହିପରି କାର୍ଯ୍ୟାନୁଷ୍ଠାନ କେବଳ ଆକଳନ କାର୍ଯ୍ୟାନୁଷ୍ଠାନ ସମୟରେ କରାଯାଇପାରିବ ଏବଂ ସେହି କାର୍ଯ୍ୟାନୁଷ୍ଠାନଗୁଡ଼ିକ ସମାପ୍ତ ହୋଇଛି । ଆମ୍ଭ ମତରେ, ଆବେଦନକାରୀମାନଙ୍କ ଉପରେ କାହିଁକି ଜୋରିମାନା ଲାଗୁ କରାଯିବା ଉଚିତ ନୁହେଁ ବୋଲି କାରଣ ଦର୍ଶାଇବା ପାଇଁ ସେମାନଙ୍କୁ ଜାରି କରାଯାଇଥିବା ବିଜ୍ଞପ୍ତି କାର୍ଯ୍ୟକାରୀ ହେବା ବନ୍ଦ ହୋଇନାହିଁ, କାରଣ ଅପିଲୀୟ ସହକାରୀ ଆୟୁକ୍ତ ଏକ ଅବୈଧତା ଦର୍ଶାଇଛନ୍ତି ଯାହା ଆଇନଗତ ଭାବରେ ଆରମ୍ଭ ହେବା ପରେ କାର୍ଯ୍ୟାନୁଷ୍ଠାନକୁ ତ୍ରୁଟିଯୁକ୍ତ କରିଥିଲା । ସେହି ବିଜ୍ଞପ୍ତିର ସମାଧାନ ହେବା ବାକି ରହିଥିବାରୁ, ବର୍ତ୍ତମାନ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ଆକଳନ ପ୍ରକ୍ରିୟା

[1] [1957] 32 I.T.R. 648

ସମୟରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନ ଭାବେ ବର୍ଣ୍ଣନା କରାଯାଇପାରିବ, କାରଣ ଏହି କାର୍ଯ୍ୟାନୁଷ୍ଠାନ ପ୍ରଥମ ବିଜ୍ଞପ୍ତି ଜାରି ହେବାର ସମୟ ସହିତ ଜଡିତ ହେବ ।

ଆମ୍ଭ ମତରେ, ଅବୈଧତା ଘଟିଥିବା ପର୍ଯ୍ୟାୟ ପରଠାରୁ କାର୍ଯ୍ୟାନୁଷ୍ଠାନ ଜାରି ରଖିବା ପାଇଁ ଏବଂ ମାମଲାର ପରିସ୍ଥିତି ଦ୍ୱାରା ଆବଶ୍ୟକ ହେଉଥିବା ଏକ ଜୋରିମାନା ପାଇଁ, ଯଦି କିଛି ଥାଏ, ଆବେଦନକାରୀମାନଙ୍କୁ ଆକଳନ କରିବା ପାଇଁ ଆୟକର ଅଧିକାରୀ ସଠିକ ଭାବେ ତାଙ୍କ ଅଧିକାରିତା କ୍ଷେତ୍ର ମଧ୍ୟରେ ରହିଛନ୍ତି ।

ସେହି ଅନୁଯାୟୀ ଆବେଦନକୁ ଖର୍ଚ୍ଚ ସହିତ ଖାରଜ କରାଯାଇଛି ।

ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।